# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ସରକାର ଗଠନ ପାଇଁ ବହୁମତ ଆଡକୁ ଅଗ୍ରସର ହେଉଛି ବିଜେପି

— ବର୍ତ୍ତମାନସୁଦ୍ଧା ୮୦ ଆସନରେ ବିଜେପିର ପ୍ରାର୍ଥୀ ଆଗୁଆ; ୫୦ଟି ଆସନରେ ବିଜେଡ଼ି ଏବଂ ୧୩ଟି ଆସନରେ କଂଗ୍ରେସ ଆଗୁଆ

- ରାଜ୍ୟର ୧୯ଟି ଲୋକସଭା ଆସନରେ ବିଜେପି ଆଗୁଆ
- ଦେଶରେ ୨୯୬ ଆସନରେ ଆଗୁଆ ଅଛି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ

ଏବଂ

- ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ହ୍ରାସ ପାଇଛି ତାପମାତ୍ରା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୨୫ଟି ଜିଲ୍ଲାକୁ ସତର୍କ ସୂଚନା

# ନିର୍ବାଚନ ଫଳାଫଳ

ଅଷ୍ଟାଦଶ ଲୋକସଭା ଏବଂ ବିଧାନସଭା ଭୋଟଗଣତିର ଫଳାଫଳରୁ କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ଏବଂ ରାଜ୍ୟରେ ବିଜେପିକୁ ସଂଖ୍ୟାଗରିଷ୍ଠତା ମିଳିଛି। ବର୍ତ୍ତମାନର ସୂଚନା ଅନୁସାରେ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ **୨୯୫** ସିଟ୍‌ରେ ଆଗୁଆ ରହିଛି। ସେହିଭଳି ରାଜ୍ୟରେ **ବିଜେପି** ୮୦ଟି ଆସନରେ ଆଗୁଆ ରହିବା ସହ ସେଥିରୁ କେତେକ ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ଆଡକୁ ଅଗ୍ରସର ହେଉଛି।

ଏ ନେଇ ଆସନ୍ତୁ ଶୁଣିବା ଆମ ପ୍ରତିନିଧି ମଳୟ ରଞ୍ଜନ ମିଶ୍ରଙ୍କ ଠାରୁ.....

ନିର୍ବାଚନ ଫଳାଫଳକୁ ଦେଖିଲେ ରାଜ୍ୟରେ ବିଜେପି ସରକାର ଗଠନ କରିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ବିଜେପି ଏପର୍ଯ୍ୟନ୍ତ ୮୦ଟି ସିଟ୍‌ରେ ଆଗୁଆ ରହିଥିବାବେଳେ ବିଜେଡି ୪୯ଟି ଆସନରେ ଆଗୁଆ ରହିଛି। ସେହିଭଳି କଂଗ୍ରେସ ୧୪ଟି ସିଟ୍‌ରେ ଆଗୁଆ ରହିଛି।

ବିଜେଡିର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଆସନରୁ ଆଗୁଆ ରହିଥିବାବେଳେ କଣ୍ଟାବାଞ୍ଜିରୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଲକ୍ଷ୍ମଣ ବାଗ୍‌ଙ୍କ ଠାରୁ ପରାସ୍ତ ହୋଇଛନ୍ତି।

ଭୁବନେଶ୍ୱର ଏକାମ୍ର ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ବାବୁ ସିଂ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ପରାସ୍ତ କରିଛନ୍ତି। ଚିଲିକା ବିଧାନସଭା ଆସନରୁ

ପୃଥ୍ୱୀରାଜ ହରିଚନ୍ଦନ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ରଘୁନାଥ ସାହୁଙ୍କୁ ପରାସ୍ତ କରିଛନ୍ତି। ଧର୍ମଗଡ଼ ଆସନରୁ ସୁଧୀର ପାଟ୍ଟଯୋଶୀ ବିଜେଡିର ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପରାସ୍ତ କରିଛନ୍ତି। କନ୍ଧମାଳ ଆସନରୁ କହ୍ନେଇ ଚରଣ ଡାଙ୍ଗ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ମହୀଧର ରଣାଙ୍କୁ ପରାସ୍ତ କରିଛନ୍ତି। ଭଟଲୀରୁ ବିଜେପିରୁ ଇରାଶୀଷ ଆଚାର୍ଯ୍ୟ ବିଜୟୀ ହୋଇଛନ୍ତି। ପାଟଣାରୁ ଅଖିଳ ଚନ୍ଦ୍ର ନାୟକ, କୋଟପାଡରୁ ରୂପୁଭତ୍ରା ବିଜୟୀ ହୋଇଛନ୍ତି।

ଖୋର୍ଦ୍ଧା ଆସନରୁ ପ୍ରଶାନ୍ତ ଜଗଦ୍ଦେବ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ରାଜେନ୍ଦ୍ର କୁମାର ସାହୁଙ୍କୁ ପରାସ୍ତ କରିଛନ୍ତି। କୁଚିଣ୍ଡା ଆସନରୁ ରବି ନାୟକ, କୋରାପୁଟ ଆସନରୁ ରଘୁରାମ ମାଛ, ନବରଙ୍ଗପୁର ଆସନରୁ, ଗୌରୀଶଙ୍କର ମାଝୀ, ଖଲ୍ଲିକୋଟ ବିଧାନସଭା ଆସନରୁ ବିଜେପିର ପୂର୍ଣ୍ଣଚନ୍ଦ୍ର ସେଠୀ, ସତ୍ୟବାଦୀ ଆସନରୁ ଓମ୍ ପ୍ରକାଶ ମିଶ୍ର ୧୭ ହଜାରରୁ ଅଧିକ ଭୋଟ୍‌ରେ ବିଜୟ ଲାଭ କରିଛନ୍ତି। ମହାକାଳପଡା ଆସନରୁ ବିଜେପି ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାଏକ ୧ ଲକ୍ଷ ୭ ହଜାର ୩୦୦ ଭୋଟ୍‌ରେ ବିଜୟଲାଭ କରିଛନ୍ତି। ଅନୁଗୁଳରେ ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ ବିଜେଡିର ସଂଯୁକ୍ତା ସିଂଙ୍କୁ ୧୭ ହଜାର ୧୨୮ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ତଳସରା ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ବିନୟ କୁମାର ଟପ୍ପୋଙ୍କୁ ପରାସ୍ତ କରିଛନ୍ତି। ବିଜେପୁର

ଆସନରେ ସନତ କୁମାର ଗର୍ତ୍ତିଆ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କୁ ପରାସ୍ତ କରିଛନ୍ତି। ଛେଣ୍ଡିପଦା ବିଧାନସଭା ଆସନରେ ଅଗସ୍ତି ବେହେରା ବିଜେଡି ପ୍ରାର୍ଥୀ ସୁଶାନ୍ତ ବେହେରାଙ୍କୁ ୧୫ ହଜାର ୧୪୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଖଲ୍ଲିକୋଟ ଆସନରୁ ପୂର୍ଣ୍ଣଚନ୍ଦ୍ର ସେଠୀ ୨୨ ହଜାର ୯୩୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ମାଲକାନଗିରି ଆସନରୁ ବିଜେପି ପ୍ରାର୍ଥୀ ନରସିଂହ ମାଡକାମୀ ବିଜେଡିର ମାନସ ମାଡକାମୀଙ୍କୁ ୧୪ ହଜାର ୬୫୮ ଭୋଟରେ ପରାସ୍ତ କରି ଜୟଯୁକ୍ତ ହୋଇଛନ୍ତି। କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରୁ ବିଜେପିର ମୋହନ ମାଝୀ ବିଜେଡିର ମୀନା ମାଝୀଙ୍କୁ ୧୧ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ଯାଜପୁର କୋରେଇରୁ ବିଜେପି ପ୍ରାର୍ଥୀ ଆକାଶ ଦାସନାୟକ ବିଜୟୀ ହୋଇଛନ୍ତି। ରଣପୁରରେ ବିଜେପି ପ୍ରାର୍ଥୀ ସୁରମା ପାଢ଼ୀ ବିଜୟୀ ହୋଇଛନ୍ତି।

ଅନ୍ୟପକ୍ଷରେ **ବିଜେଡି** ଦଳର ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଆନନ୍ଦପୁର ବିଧାନସଭା ଆସନରୁ ବିଜୟଲାଭ କରିଥିବାବେଳେ ଖଡିଆଳ ବିଧାନସଭା ଆସନରୁ ଅଧୀରାଜ ପାଣିଗ୍ରାହୀ, ରାଉରକେଲା ଆସନରୁ ସାରଦା ନାଏକ, ଡାବୁଗାଁ ଆସନରୁ ମନୋହର ରନ୍ଧାରୀ ବିଜୟଲାଭ କରିଛନ୍ତି। ବାଙ୍କୀ ବରୀ ଆସନରୁ ବିଶ୍ୱରଞ୍ଜନ ମଲ୍ଲିକ, କେନ୍ଦ୍ରାପଡା ବିଧାନସଭା ଆସନରୁ ଗଣେଶ୍ୱର ବେହେରା, ବିଞ୍ଝାରପୁର ଆସନରୁ ବିଜେଡି ପ୍ରାର୍ଥୀ ପ୍ରମୀଳା ମଲ୍ଲିକ ବିଜେପି ପ୍ରାର୍ଥୀ ବବିତା ମଲ୍ଲିକ୍‌ଙ୍କୁ ୨ ହଜାର ୭୫୯ ଭୋଟ୍‌ରେ

ପରାସ୍ତ କରିଛନ୍ତି । ଏବଂ ଦଶପଲ୍ଲା ଆସନରୁ ରମେଶ ବେହେରା ଜୟଯୁକ୍ତ ହୋଇଛନ୍ତି । ଧର୍ମଶାଳା ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ବିଜେଡିର ପ୍ରଣବ ବଳବନ୍ତ ରାୟଙ୍କୁ ୧୮ଶହରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି । ନୂଆପଡା ବିଧାନସଭା ଆସନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୧୦ ହଜାର ୮୦୬ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି । ସୋନପୁର ବିଧାନସଭାମଣ୍ଡଳୀର ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀ ତାଙ୍କର ନିକଟତମ ବିଜେପି ପ୍ରାର୍ଥୀ ପ୍ରମୋଦ ମହାପାତ୍ରଙ୍କୁ ୧୫ ହଜାର ୯୨ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି । ନୟାଗଡ଼ ବିଜେଡି ପ୍ରାର୍ଥୀ ଅରୁଣ କୁମାର ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କଠାରୁ ୩୯୬ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି । ଦେବଗଡ଼ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଜେପିର ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କୁ ୧୫ ହଜାର ୯୧୧ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି । ଭୋଗରାଇ ଆସନରେ ବିଜେଡି ପ୍ରାର୍ଥୀ ଗୌତମ ବୁଦ୍ଧ ଦାସ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ପରାସ୍ତ କରିଛନ୍ତି । ପାଟକୁରା ବିଧାନସଭା ଆସନରୁ ବିଜେଡିର ଅରବିନ୍ଦ ବେହେରା, ରାଜନଗରରୁ ବିଜେଡିର ଧ୍ରୁବଚରଣ ସାହୁ ଏବଂ ଆଳି ବିଧାନସଭା ଆସନରୁ ବିଜେଡିର ପ୍ରତାପ କେଶରୀ ନାୟକ ବିଜୟୀ ହୋଇଛନ୍ତି ।

**କଂଗ୍ରେସ୍** ୧୪ଟି ଆସନରେ ଆଗୁଆ ରହିଛି । ପଟାଙ୍ଗୀ ବିଧାନସଭା ପ୍ରାର୍ଥୀ ଚନ୍ଦ୍ର କାଡାମ୍ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ପ୍ରଫୁଲ୍ଲ

ପାଙ୍ଗୀଙ୍କୁ ୧୯ଶହ ୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟଲାଭ କରିଛନ୍ତି। କଟକ ବାରବାଟୀ ଆସନର ପ୍ରାର୍ଥୀ ସୋଫିଆ ଫିରଦୋଶ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି।  ଲକ୍ଷ୍ମୀପୁର ବିଧାନସଭା ଆସନରୁ ପବିତ୍ର ସାଉଁତା ୨୦ ହଜାର ୯୨୨ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଚିତ୍ରକୋଣ୍ଡା ଆସନରୁ ମଙ୍ଗୁ ଖିଲ ଏବଂ ସାନଖେମୁଣ୍ଡି ଆସନରୁ ରମେଶ ବେହେରା ବିଜୟୀ ହୋଇଛନ୍ତି।

ଭୋଟ ଗଣତି ଏବେ ମଧ୍ୟ ଜାରି ରହିଛି। ଆଉ କିଛି ସମୟ ପରେ ଚିତ୍ର ସ୍ପଷ୍ଟ ହୋଇଯିବ।

## ପରାଜିତ ପ୍ରମୁଖ ପ୍ରାର୍ଥୀ

ଚଳିତ ନିର୍ବାଚନର ଫଳାଫଳ ବହୁ ଗଣିତକୁ ଓଲଟପାଲଟ କରିଦେଇଛି। ରାଜ୍ୟରେ ଶାସନ କ୍ଷମତାରେ ଥିବା ଦଳର ବହୁ ପ୍ରମୁଖ ନେତା ପରାଜିତ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡିର ବହୁ ତୁଙ୍ଗ ନେତାଙ୍କ ମଧ୍ୟରେ ଅତନୁ ସବ୍ୟସାଚୀ ନାୟକ, ଟୁକୁନୀ ସାହୁ, ବିକ୍ରମ କେଶରୀ ଆରୁଖ, ସଞ୍ଜୟ ଦାଶ ବର୍ମା, ରୀତା ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ରାୟ ପ୍ରମୁଖ ତାଙ୍କର ପ୍ରତିଦ୍ୱନ୍ଦୀଙ୍କଠାରୁ ପରାଜିତ ହୋଇଛନ୍ତି। ସେହିଭଳି ଲୋକସଭା ନିର୍ବାଚନରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ଦିଲ୍ଲୀପ ତିର୍କି, ଲେଖାଶ୍ରୀ ସାମନ୍ତ ସିଂହାର ଭଳି ନେତା ହାରି ଯାଇଛନ୍ତି।

ସେହିଭଳି **କଂଗ୍ରେସ**ର ପୂର୍ବତନ ରାଜ୍ୟ ଶାଖା ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ପରାଜିତ ହୋଇଛନ୍ତି।

## ଲୋକସଭା ଭୋଟ ଗଣତି

ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ୧୯ଟି ଆସନରେ ବିଜେପି ପ୍ରାର୍ଥୀମାନେ ଆଗୁଆ ଅଛନ୍ତି।

ସମ୍ବଲପୁର ଆସନରୁ ବିଜେପିର ଧର୍ମେନ୍ଦ୍ର ପ୍ରଧାନ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଣବ ପ୍ରକାଶ ଦାସଙ୍କଠାରୁ ଆଗୁଆ ରହିଛନ୍ତି। ସୁନ୍ଦରଗଡ଼ ଲୋକସଭା ଆସନରୁ ବିଜେପିର ଜୁଏଲ୍ ଓରାମ ୧ ଲକ୍ଷ ୩୦ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସେହିଭଳି ବରଗଡ଼ ଲୋକସଭା ଆସନରୁ ପ୍ରଦୀପ ପୁରୋହିତ ୨ ଲକ୍ଷ ୩୨ ହଜାରରୁ ଅଧିକ ଭୋଟ୍‌ରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ବିଜୟୀ ହୋଇଛନ୍ତି। କେନ୍ଦ୍ରାପଡାରେ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆଗୁଆ ଅଛନ୍ତି। ସେହିଭଳି ବାଲେଶ୍ୱରରୁ ପ୍ରତାପ ଷଡଙ୍ଗୀ ଆଗୁଆ ଅଛନ୍ତି। ଭୁବନେଶ୍ୱର ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ପୁରୀରେ ସମ୍ବିତ୍ ପାତ୍ର ଆଗୁଆ ରହିଛନ୍ତି। ମୟୂରଭଞ୍ଜରୁ ନବ ଚରଣ ମାଝୀ, କଳାହାଣ୍ଡିରୁ ମାଳବିକା ଦେବୀ ଆଗୁଆ ଅଛନ୍ତି। ସେହିଭଳି କଂଗ୍ରେସର ସପ୍ତଗିରି ଉଲ୍ଲାକା କୋରାପୁଟ ସଂସଦୀୟ କ୍ଷେତ୍ରରୁ ପ୍ରାୟ ୫୮ ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ଥିବା ଜଣାପଡିଛି।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା

ହେବା ନେଇ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆସନ୍ତାକାଲି ପାଇଁ ନୂଆପଡା, ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ ଆଜି ନୂଆପଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

*********************************